ନକୁଳଙ୍କର ଜନ୍ମ
ଅଶିଣ ଶୁକଳ ଯେ ଦଶମୀ ଗୁରୁବାର
ଶରଦ ଋତୁ ମଧ୍ୟେ ଶ୍ରବଣା ନକ୍ଷତ୍ର ସାର । ୧ । horoscope
କୌଳବ ନାମେ କରଣ ଶୂଳ ନାମେ ଯୋଗ
କନ୍ୟା ସଙ୍କରାନ୍ତିକି ପଞ୍ଚିଶ ଦିନ ଭୋଗ । ୨ ।
ସେ ଦିନ ପଣ୍ଡୁ ଅନ୍ଧାରି ବିଜେ କଲେ ବନେ
ମାଦ୍ରୀ ବସିଛନ୍ତି ଯେ ଶେଯ୍ୟାର ବିଧାନେ । ୩ ।
ବୋଇଲେ ଦୁର୍ଭାସାଙ୍କ ମନ୍ତ୍ରେ ମୁଂ ନାରାୟଣ ସୁମରିଲି
ଅପ୍ରାପତ ହୋଇଲା ମୁଂ ବୁଝି ନୁଆରିଲି । ୪ ।
ମୁହିଂ ବାଳୁତ ଯେ ଅଟଇ ସୁକୁମାରୀ
ଗାଢ ଶୃଙ୍ଗାର ବୀର୍ଯ୍ୟ ମୁଂ ନ ପାରଇ ସଂହରି । ୫ ।
ଅଶ୍ୱନୀକୁମାର ଯେ ଆଦିତ୍ୟଙ୍କର ସୁତ
ଦେବେ ବଡ ବଳବନ୍ତା କୁମାର ଭାଗ୍ୟବନ୍ତ । ୬ ।
----------
୫ ।୧ ମୁହିଂ ନାହୁଲୀ ଯେ ଅଟଇ ସୁକୁମାରୀ ।
୬ ।୧ ସେ ବଡ ସର୍ବଜ୍ଞ ବଳବନ୍ତ ଭିଜ୍ଞବନ୍ତ ।
୧ ।୧ ଅଶିଣ-ଆଶ୍ୱିନ ୫ ।୨ ସଂହରି-ସଂଭରି

ଶ୍ରୀହସ୍ତେ ଘେନିଲେ ସେ ଦୁର୍ଭାସାଙ୍କର ଜପାମାଳୀ
ଲୟେ କରି ସୁମରିଲେ ଦୁତୀ ଅଂଶୁମାଳୀ । ୭ ।
ସୁରବର ସୁନ୍ଦର ସେ ଲୋହିତାକ୍ଷ ରୂପ
ଅମୃତାକ୍ଷ ପୁରୁଷ ସେ ପ୍ରତକ୍ଷେ କନ୍ଦର୍ପ । ୮ ।
ରାତ୍ରରେ ସେ ତେଜ ଲାଗିଲା ଶତଶିଂଗ ପର୍ବତ
ଦିବସ ପ୍ରାୟ ଦିଶିଲା କୁମାର ଉଦବେଗ ଗତ । ୯ ।
ଅନେକ ଅଳଙ୍କାର ଭୂଷଣ ତାର କାୟେ
ଦେଖିଣ ପୂଜା କଲା ସେ କୁମାରକୁ ନିଭୟେ । ୧୦ ।
କୁମାରଙ୍କ ତୁଲେ ସେ ମଦନା ପୀରତି
ରହସ ଛଛନ୍ଦ୍ରେଣ ମନେଣ ତ୍ରିପୁତି । ୧୧ ।
ହାସ୍ୟ ପରିହାସ୍ୟ ଯେ ଶୃଙ୍ଗାର ବିନୋଦେ
ପ୍ରେମ ଚାଟୁ ପଟଳ ପରମ ଆନନ୍ଦେ । ୧୨ ।
ମାଦ୍ରୀର ରଜେ ଅଶ୍ୱନୀକୁମାରଙ୍କ ବୀର୍ଯ୍ୟେ
ସଇନ୍ଦୁ ଉପତପ୍ତି ହୋଇଲା ଯେକଇ ଆତ୍ମଜେ । ୧୩ ।
କୁମାର ସମ୍ଭବେ ନକୁଳ ବୋଲି ବଳା
ତାକୁ ଅଶ୍ୱିନୀ ନାମ ଦିଲେ ଅଚାର୍ଗଳା । ୧୪ ।
ନବଘନ ଅନ୍ଧାର ଯେ ବାହିନୀ କୂଳ ଘେନି
ନବକୂଳ ସଙ୍ଗମ ଯେକଇ କାମିନୀ । ୧୫ ।
ନବନଦୀ କୂଳେ ଯେଣୁ କୁମାର ଉପୁଜିଲା
ତେଣୁ କରି ମହାତ୍ମା ନକୁଳ ନାମ ଦିଲା । ୧୬ ।
ଅତି ସୁକୁମାର ଯେ ସେହୁ ବାଳଶିଷ
ନିର୍ଧୂମ ଅଗ୍ନି ଜାଣି ତେଜ ତା ବିକାଶି । ୧୭ ।
ଶ୍ରବଣା ନକ୍ଷତ୍ରେ ଯେ ଉପୁଜିଲାକ ବାଳ
ଅତି ସୁକୁମାର ସେ କୁମାର ନକୁଳ । ୧୮ ।
ତହୁଂ ଅଶ୍ୱିନୀ କୁମାରେ ଅନ୍ତରୀକ୍ଷେ ଚଳିଗଲେ
ଅତି ଆନନ୍ଦେ ମାଦ୍ରୀ ପୁତ୍ରକୁ ପାଳିଲେ । ୧୯ ।
କୋଇନ୍ତାଙ୍କର ତିନି ପୁତ୍ର ଗାନ୍ଧାରୀର ଶତେ ପୁତ୍ର

ମାଦ୍ରୀର ୟେକ ପୁତ୍ର ହୋଇଲା ସମ୍ଭୂତ । ୨୦ । ସଂଖ୍ୟା
ଦେଖି ପଣ୍ଡୁ ରାଜା ହୋଇଲେ ଆନନ୍ଦ
ଚାରି ପୁତ୍ରକଇ କୋଇନ୍ତାୟେ ପାଳିଲେ ସାନନ୍ଦ । ୨୧-୨୮୪୦ । ସଂଖ୍ୟା

-----------

୧୧ ।୨ ରହସ୍ୟ ସୁଷମରେ ଐକମେଳେ ରତି ।

୧୩ ।୨ ସଦ୍ୟ ଉତପତ୍ତି ହୋଇଲା ୟେକଇ ଆତ୍ମଜେ ।

୧୪ ଅଲେଖ ଘଟଣ ଜାଣି ଦିଶଇ ସେ ବାଳ
କୁମାର ସମ୍ଭବୁଂ ଯେ ଉପୁଜଇ ନକୁଳ ।

୧୧ ।୨ ଛଛନ୍ଦେଣ-ସ୍ୱଚ୍ଛନ୍ଦେନ

******************